# ବିଜେପି ତରଫରୁ ରାଜ୍ୟବ୍ୟାପୀ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମର ଘୋଷଣା କଲେ ବସନ୍ତ ପଣ୍ଡା

- **ନବୀନ ସରକାର ଦୁର୍ନୀତିର କାର୍ପଟଦାର**
- **ଆୟୁଷ୍ମାନ ଭାରତ ଯୋଜନା ଓଡିଶାରେ ଲାଗୁ କରିବା ପାଇଁ ଏକ କୋଟି ଓଡିଆଙ୍କ ଦସ୍ତଖତ ସମ୍ବଳିତ ଦାବି ପତ୍ର ଦଶହରା ପୂର୍ବରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ**
- **ଅକ୍ଟୋବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସବୁ ବ୍ଲକ ଅଫିସ ଘେରାଉ**
- **ବ୍ଲକ ଘେରାଉରେ ବ୍ୟାପକ ପିସି, ଆମ ଗାଁ ଆମ ବିକାଶ ଦୁର୍ନୀତି ପାଇଁ ଉଦ୍ଦିଷ୍ଟ ହେବା ଓ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ବଦଳରେ ଦଳୀୟକର୍ମୀଙ୍କୁ ପୋଷିବା ବିରୁଦ୍ଧରେ ଉଠିବ ସ୍ୱର**
- **ନଭେମ୍ବର୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଶାସକ ବିଜେଡିର ୧୯ ବର୍ଷର ବିଫଳତା ବିରୁଦ୍ଧରେ ପଡା ଓ ଗାଁ ପର୍ଯ୍ୟନ୍ତ ବ୍ୟାପକ ପଦଯାତ୍ରା**
- **ଡିସେମ୍ବର ୧ରୁ ୩୦ ରାଜ୍ୟବ୍ୟାପୀ ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ ରାଷ୍ଟ୍ରୀୟ ନେତୃତ୍ୱ**

**ଭୁବନେଶ୍ୱର, ତା.୦୮/୧୦:** ନବୀନ ସରକାର ଦୁର୍ନୀତିର କାର୍ପଟଦାର ବୋଲି ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିବା ସହ ଏହା ବିରୁଦ୍ଧରେ ବିଜେପି ରାଜ୍ୟବ୍ୟାପୀ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ଘୋଷଣା କରିଛନ୍ତି ।

ଆୟୁଷ୍ମାନ ଭାରତ ଯୋଜନା ଓଡିଶାରେ ଲାଗୁ କରିବା ପାଇଁ ଏକ କୋଟି ଓଡିଆଙ୍କ ଦସ୍ତଖତ ସମ୍ବଳିତ ଦାବି ପତ୍ର ରାଜ୍ୟପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ପ୍ରଦାନ, ସବୁ ବ୍ଲକ ସ୍ତରରେ ବିକ୍ଷୋଭ ପ୍ରଦର୍ଶନ, ରାଜ୍ୟ ତମାମ ପଦ ଯାତ୍ରା ଓ ରାଜ୍ୟ ତମାମ ବିଶାଳ ପରିବର୍ତ୍ତନ ଯାତ୍ରାର ଲମ୍ବା କାର୍ଯ୍ୟକ୍ରମ ଦଳ ହାତକୁ ନେବ ବୋଲି ଶ୍ରୀ ପଣ୍ଡା ଏହି ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଛନ୍ତି ।

ଶ୍ରୀ ପଣ୍ଡା କହିଛନ୍ତି ଯେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା ପାଇଁ ରାଜ୍ୟରେ ଚାଲୁଥିବା ଦସ୍ତଖତ ଅଭିଯାନକୁ ବ୍ୟାପକ ଜନ ସମର୍ଥନ ମିଳିଛି । ଦଶହରା ପୂର୍ବରୁ ଏକ କୋଟି ଦସ୍ତଖତ ସହ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏହି ଦାବି ପତ୍ର ପ୍ରଦାନ କରା ଯିବ ।

ଶ୍ରୀ ପଣ୍ଡା କହିଛନ୍ତି ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନାଁରେ ରାଜନୈତିକ ଉଦ୍ଦେଶ୍ୟ ରଖି ମୋଦିଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ଓଡିଆ ଲୋକଙ୍କୁ ଉତମ ସ୍ୱାସ୍ଥ୍ୟ ସେବାରୁ ବଂଚିତ କରିବା ପାଇଁ ନବୀନ ସରକାରଙ୍କ ଷଡଯନ୍ତ୍ରକୁ ଓଡିଶାବାସୀ ମର୍ମେ ମର୍ମେ ଅନୁଭବ କରୁଛନ୍ତି । ସାରା ଦେଶରେ ମାଗଣା ସ୍ୱାସ୍ଥ୍ୟ ସେବା ମିଳିବା ବାଟରେ ନବୀନ ସରକାର ଏକ କଂଟା ହୋଇଥିବା ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି ।

ଶ୍ରୀ ପଣ୍ଡା କହିଛନ୍ତି ଅକ୍ଟୋବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସବୁ ବ୍ଲକ ଅଫିସ ସାମନାରେ ଘେରାଉ ଓ ବିକ୍ଷୋଭ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ବ୍ଲକଗୁଡିକ ଦୁର୍ନୀତି ଓ ପିସିର କେନ୍ଦ୍ର ସାଜିଛି । ଆମ ଗାଁ ଆମ ବିକାଶ ଯୋଜନା ପିସିକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ଦିଷ୍ଟ । ଲୋକ ଚାହୁଁଥିବା କାମ ହେଉ ନାହିଁ ମାତ୍ର ବିଧାୟକ ଓ ବିଜେଡି ନେତାଙ୍କ ଯୋଜନାରେ ପାଂଠି ସଂଗ୍ରହ ପାଇଁ ଯୋଜନା ପ୍ରସ୍ତୁତ ହୋଇ ବିନା ଟେଣ୍ଡରରେ ଦଳୀୟ କର୍ମୀମାନଙ୍କୁ ଅର୍ଥ ଯୋଗାଇ ଦିଆଯିବା ମାମଲାରେ ଏହି ବିକ୍ଷୋଭରେ ପ୍ରତିବାଦ କରାଯିବ ।

ନିଜସ୍ୱ ଖାଦ୍ୟ ସୁରକ୍ଷା ନାଁରେ ଦଳୀୟ କର୍ମୀମାନଙ୍କୁ ଚାଉଳ ଯୋଗାଣ ପାଇଁ ପ୍ରଶାସନିକ କଳକୁ ବ୍ୟବହାର କରାଯାଉଛି । ତାଲିକାକୁ ସାର୍ବଜନୀନ କରାଯାଉ ନାହିଁ ବା ବାଦ ପଡୁଥିବା ଯୋଗ୍ୟ ହିତାଧିକାରୀଙ୍କ ଅଭିଯୋଗକୁ ଶୁଣିବାର ବ୍ୟବସ୍ଥା ନାହିଁ । ଏହି ବିକ୍ଷୋଭରେ ଏହି ସବୁ ପ୍ରସଙ୍ଗ ଗୁଡିକରେ ବିରୋଧ ପ୍ରକାଶ କରାଯିବ ବୋଲି ଶ୍ରୀ ପଣ୍ଡା  କହିଛନ୍ତି ।

ନଭେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସବୁ ବ୍ଲକ, ପଂଚାୟତ, ବୁଥ ଓ ୱାର୍ଡ, ପଲ୍ଲୀ, ମୌଜା ସବୁଠାରେ ଜନସାଧାରଣଙ୍କୁ ସାମିଲ କରି ଜନଜାଗରଣ ପଦଯାତ୍ରା କରାଯିବ । ସବୁ ପଡା ଗାଁ ପର୍ଯ୍ୟନ୍ତ ଏହି ପଦ ଯାତ୍ରା ମାଧ୍ୟମରେ ୧୯ ବର୍ଷର ଶାସନରେ ସ୍ଥାଣୁତା, ଅପାରଗତା କାରଣରୁ ଲୋକ ଭୋଗୁ ଥିବା ଦୁଃଖ ଦୁର୍ଦ୍ଦଶାର ପ୍ରତିବାଦ କରାଯିବ ବୋଲି ଶ୍ରୀ ପଣ୍ଡା  କହିଛନ୍ତି ।

ଡିସେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସାରା ବିଶାଳ ପରିବର୍ତ୍ତନ ଯାତ୍ରା ବାହାର କରାଯିବ ।  ଏଥିରେ ରାଜ୍ୟର ନେତୃମଣ୍ଡଳୀ ସହିତ ରାଷ୍ଟ୍ରୀୟ ନେତୃତ୍ୱ ଏଥିରେ ଯୋଗ ଦେବେ ବୋଲି ଶ୍ରୀ ପଣ୍ଡା ସୁଚନା ଦେଇଛନ୍ତି ।

ଶ୍ରୀ ପଣ୍ଡା କହିଛନ୍ତି ଯେ ଓଡିଶାର ଲୋକ ଏକ ବଡ ପରିବର୍ତନ ପାଇଁ ମାନସିକ ପ୍ରସ୍ତୁତି କରି ସାରିଛନ୍ତି । ୧୯ ବର୍ଷ ଶାସନରେ ଦୁର୍ନୀତିଖୋରମାନେ ରାଜ୍ୟର ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଆତ୍ମସାତ କରି ସାଧାରଣ ଓଡିଆ ଲୋକଙ୍କୁ ପ୍ରତାରିତ କରିଛନ୍ତି । ରାଜ୍ୟ ସରକାରଙ୍କର ପ୍ରତି ବିରୋଧ ଏବଂ ମୋଦିଙ୍କ ସୁଶାସନ ଓ ଗରୀବ କଲ୍ୟାଣ ପ୍ରତି ବ୍ୟାପକ ଜନ ସମର୍ଥନ ବିଜେପିର ମିଶନ ୧୨୦କୁ ସଫଳ କରିବା ସହ ସଂଖ୍ୟାଧିକ ଲୋକସଭା ସଦସ୍ୟଙ୍କ ବିଜୟ ପାଇଁ ପଥ ପରିଷ୍କାର କରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଦଳ ନେତା କେ.ଭି.ସିଂହଦେଓ, ରାଜ୍ୟ ଉପ ସଭାପତି ସମୀର ମହାନ୍ତି ଏବଂ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଭୃଗୁ ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**

*(ପୃଷ୍ଠା: ୨/୨)*